# NATIONAL NEWS BULLETIN (ODIA)

## 16 January - 2026

## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ଷ୍ଟାର୍ଟଅପ୍ ଇଣ୍ଡିଆକୁ ଆଜି ପୁରିଲା ୧୦ ବର୍ଷ ।

– ନୂଆଦିଲ୍ଲୀରେ ଉଦ୍ୟୋଗୀମାନଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ବିଶ୍ୱ ଅର୍ଥନୀତି ପାଇଁ ଭାରତ ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ୍ ସାଜିଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ରିପୋର୍ଟ୍ ।

- ରେଳ ଯାତ୍ରୀ ସେବା ସୁଗମ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି କେତେକ ବନ୍ଦେ ଭାରତ ସୁପର ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ସମୟସୀମା ବୃଦ୍ଧି କଲେ ନିର୍ବାଚନ କମିଶନ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୭ ୱିକେଟ୍‌ରେ ପରାସ୍ତ କଲା ୟୁ.ପି. ୱାରିୟର୍ସ ।

## ଷ୍ଟାର୍ଟଅପ୍ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପର ଦଶବର୍ଷ ପାଳନ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ଭାରତର ଭାଇବ୍ରାଣ୍ଟ୍ ଷ୍ଟାର୍ଟଅପ୍ ଇକୋସିଷ୍ଟମର ସଦସ୍ୟମାନଙ୍କ ସହିତ ଆଲୋଚନା କରିବେ। ଚୟନ ହୋଇଥିବା ଷ୍ଟାର୍ଟଅପ୍ ପ୍ରତିନିଧିମାନେ ସେମାନଙ୍କ ଉଦ୍ୟୋଗ ଯାତ୍ରା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୬ ମସିହା ଜାନୁଆରୀ ୧୬ ତାରିଖରେ ନବସୃଜନକୁ ପୋଷଣ କରିବା, ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ତଥା ନିବେଶ-ଚାଳିତ ଅଭିବୃଦ୍ଧିକୁ ସକ୍ଷମ କରିବା ଉଦ୍ଦେଶ୍ୟରେ ଜାତୀୟ କାର୍ଯ୍ୟକ୍ରମ ଭାବରେ ଷ୍ଟାର୍ଟଅପ୍ ଇଣ୍ଡିଆର ଶୁଭାରମ୍ଭ କରିଥିଲେ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଭାରତକୁ ଚାକିରି ଖୋଜୁଥିବା ଲୋକଙ୍କ ପରିବର୍ତ୍ତେ ନିଯୁକ୍ତି ସୃଷ୍ଟିକାରୀଙ୍କ ଦେଶରେ ପରିବର୍ତ୍ତନ କରିବା।

ଗତ ଦଶନ୍ଧି ମଧ୍ୟରେ, ଷ୍ଟାର୍ଟଅପ୍ ଇଣ୍ଡିଆ ଭାରତର ଅର୍ଥନୈତିକ ଏବଂ ନବସୃଜନ ସ୍ଥାପତ୍ୟର ମୂଳଦୁଆ ଭାବରେ ଉଭା ହୋଇଛି। ଏହା ସଂସ୍ଥାଗତ କାର୍ଯ୍ୟକଳାପକୁ ମଜବୁତ କରିବା ସହ ପୁଞ୍ଜି ଏବଂ ପରାମର୍ଶଦାତାଙ୍କ ପାଇଁ ସହଜ ସାବ୍ୟସ୍ତ ହୋଇଥିବା ବେଳେ ଭୌଗୋଳିକ କ୍ଷେତ୍ରରେ ଷ୍ଟାର୍ଟଅପ୍ ସଫଳ ସାବ୍ୟସ୍ତ ହୋଇଛି । ଏହି ସମୟ ମଧ୍ୟରେ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଅଭୂତପୂର୍ବ ବିକାଶ ଘଟିଛି ଏବଂ ସାରା ଦେଶରେ ଦୁଇ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ସ୍ୱୀକୃତି ପାଇଛି। ଏହି ଉଦ୍ୟୋଗଗୁଡ଼ିକ ନିଯୁକ୍ତି ସୃଷ୍ଟି, ନବସୃଜନ ସମ୍ବଳିତ ଆର୍ଥିକ ଅଭିବୃଦ୍ଧି ଏବଂ ବିଭିନ୍ନ କ୍ଷେତ୍ରରେ ଘରୋଇ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ୨୦୩୦ ସୁଦ୍ଧା ଭାରତ ୭ ଦଶମିକ୍ ୩ ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ବିକଶିତ ଭାରତ ୨୦୪୭ର ବ୍ୟାପକ ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର ହେଉଥିବାରୁ, ଷ୍ଟାର୍ଟଅପ୍‌ଗୁଡ଼ିକ ଦେଶର ବିକାଶ ରାସ୍ତାରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ରହିଛନ୍ତି ।

## ଆଇଏମ୍ଏଫ୍-ଇଣ୍ଡିଆ ଗ୍ଲୋବାଲ୍ ଇକୋନମି

ଭାରତ ବିଶ୍ୱ ଅର୍ଥନୀତି ପାଇଁ ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି – ଆଇ.ଏମ୍.ଏଫ୍. କହିଛି। ଆଇ.ଏମ୍.ଏଫ୍. ସୂଚନା ଅନୁଯାୟୀ ଦେଶର ତୃତୀୟ ତ୍ରୈମାସିକରେ ଆର୍ଥିକ ଅଭିବୃଦ୍ଧି

ଆକଳନଠାରୁ ଅଧିକ ଥିଲା । ଏକ ସାମ୍ବାଦିକ ସମ୍ମିଳନୀରେ ଆଇ.ଏମ୍.ଏଫ୍. ଯୋଗାଯୋଗ ବିଭାଗର ନିର୍ଦ୍ଦେଶକ ଜୁଲି କୋଜାକ୍ କହିଛନ୍ତି, ଭାରତର ଅଭିବୃଦ୍ଧି ଦୃଢ଼ ରହିଛି ଏବଂ ଏହା ଦୃଢ଼ ଘରୋଇ ବ୍ୟବହାର ଯୋଗୁଁ ସମ୍ଭବ ହୋଇପାରିଛି । ପୂର୍ବରୁ ଆଇ.ଏମ୍.ଏଫ୍. ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ୬ ଦଶମିକ୍ ୬ ପ୍ରତିଶତ ହେବ ବୋଲି ଆକଳନ କରିଥିଲା ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତର ସାମ୍ପ୍ରତିକ ପ୍ରଦର୍ଶନ ନେଇ ଆଇ.ଏମ୍.ଏଫ୍. ଏହାର ପୂର୍ବାନୁମାନକୁ ପରିବର୍ତ୍ତନ କରିବାର ସମ୍ଭବନା ରହିଛି । ଆସନ୍ତା ସପ୍ତାହରେ ଆଇ.ଏମ୍.ଏଫ୍. ବିଶ୍ୱ ଅର୍ଥନୀତି ଆଉଟଲୁକ୍ ଅପଡେଟରେ ଭାରତର ଅଭିବୃଦ୍ଧି ସମ୍ପର୍କରେ ରିପୋର୍ଟ୍ ପ୍ରକାଶ କରିବ ।

ସାମଗ୍ରୀକ ଭାବେ ଆଇ.ଏମ୍.ଏଫ୍. ଭାରତର ଅର୍ଥନୀତି ପ୍ରତି ସକାରାତ୍ମକ ରହିଛି ଏବଂ ବିଶ୍ୱ ଅନିଶ୍ଚିତତା ମଧ୍ୟରେ ବିଶ୍ୱ ଅର୍ଥନୀତି ଅଭିବୃଦ୍ଧିକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛି ।

## ପିଏମ୍-ନ୍ୟୁ ଟ୍ରେନସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ହାଓଡ଼ା, ପଶ୍ଚିମବଙ୍ଗ ଏବଂ ଆସାମର କାମାକ୍ଷାକୁ ସଂଯୋଗ କରୁଥିବା ନୂତନ ଡିଜାଇନ୍‌ର ବନ୍ଦେ ଭାରତ ସ୍ଲିପର୍ ଏକ୍ସପ୍ରେସ୍ ସମେତ ଅନେକ ନୂତନ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଆସନ୍ତାକାଲି ଶୁଭାରମ୍ଭ ହେବାକୁ ଥିବା ଅନ୍ୟ ଟ୍ରେନଗୁଡ଼ିକ ମଧ୍ୟରେ ନ୍ୟୁ ଜଳପାଇଗୁଡ଼ି-ନାଗରକଏଲ୍ ଅମୃତ ଭାରତ ଏକ୍ସପ୍ରେସ୍, ନ୍ୟୁ ଜଳପାଇଗୁଡ଼ି-ତିରୁଚିରାପାଲି ଅମୃତ ଭାରତ ଏକ୍ସପ୍ରେସ୍, ଅଲିପୁରଦୁଆର-ଏସ୍ଏମ୍‌ବିଟି ବେଙ୍ଗାଲୁରୁ ଅମୃତ ଭାରତ ଏକ୍ସପ୍ରେସ୍, ଅଲିପୁରଦୁଆର-ମୁମ୍ବାଇ (ପାନଭେଲ୍) ଅମୃତ ଭାରତ ଏକ୍ସପ୍ରେସ୍, ରାଧିକାପୁର-ଏସ୍ଏମ୍‌ବିଟି ବେଙ୍ଗାଲୁରୁ ମେଲ୍ ଏକ୍ସପ୍ରେସ୍ ଏବଂ ବାଲୁରଘାଟ-ଏସ୍ଏମ୍‌ବିଟି ବେଙ୍ଗାଲୁରୁ ମେଲ୍ ଏକ୍ସପ୍ରେସ୍ ରହିଛି। ଏହିସବୁ ଟ୍ରେନ୍‌ଗୁଡ଼ିକ ପଶ୍ଚିମବଙ୍ଗ, ଆସାମ, ବିହାର, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶ ମଧ୍ୟରେ ଯାତ୍ରୀ ସେବାକୁ ଉନ୍ନତ କରିବ।

ଆସନ୍ତା ରବିବାର ଦିନ, ପ୍ରଧାନମନ୍ତ୍ରୀ' ହାଓଡ଼ା-ଆନନ୍ଦ ବିହାର ଟର୍ମିନାଲ ଅମୃତ ଭାରତ ଏକ୍ସପ୍ରେସ୍, ସିଆଲଦା-ବାରାଣସୀ ଅମୃତ ଭାରତ ଏକ୍ସପ୍ରେସ୍ ଏବଂ ସାନ୍ତରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ଟ୍ରେନଗୁଡ଼ିକ ଜରିଆରେ

ଯାତ୍ରୀମାନେ ପୂର୍ବାପେକ୍ଷା କମ ସମୟ ମଧ୍ୟରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ।

ଏହିସବୁ ନୂତନ ଟ୍ରେନ୍ ଚଳାଚଳ ଫଳରେ ଆସାମର କାମରୂପ ମେଟ୍ରୋପଲିଟାନ ଏବଂ ବୋଙ୍ଗାଇଗାଓଁ ଓ ପଶ୍ଚିମବଙ୍ଗର କୁଚବିହାର, ଜଲପାଇଗୁଡ଼ି, ମାଲଦା, ମୁର୍ଶିଦାବାଦ, ପୂର୍ବ ବର୍ଦ୍ଧମାନ, ହୁଗଲି ଏବଂ ହାଓଡ଼ା ଭଳି ଜିଲ୍ଲାଗୁଡ଼ିକରେ ବାଣିଜ୍ୟ, ପର୍ଯ୍ୟଟନ ଏବଂ ସାମାଜିକ-ଆର୍ଥିକ ବିକାଶ ମଧ୍ୟ ତ୍ୱରାନ୍ୱିତ ହୋଇପାରିବ ।

## ଏସ୍‌ଆଇଆର୍ ଡେଡ୍‌ଲାଇନ୍ ଏକ୍ସଟେଣ୍ଡେଡ୍

ନିର୍ବାଚନ କମିଶନ ଗୋଆ, ଲାକ୍ଷାଦ୍ୱୀପ, ରାଜସ୍ଥାନ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗରେ ଭୋଟର ତାଲିକାର ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ସମୟସୀମା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫଳରେ ଭୋଟରମାନେ ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଦାବି ଏବଂ ଆପତ୍ତି ଦାଖଲ କରିପାରିବେ। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଜରିଆରେ ନିର୍ବାଚନ କମିଶନ କହିଛନ୍ତି, ବିଭିନ୍ନ ପ୍ରାସଙ୍ଗିକ କାରଣଗୁଡ଼ିକୁ ବିଚାର କରି ସମୟସୀମା ବୃଦ୍ଧି କରାଯାଇଛି।

## ହଜ୍-ଡେଟ୍ ଏକ୍ସଟେନ୍ସନ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ହଜ୍ ଯାତ୍ରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଠାରୁ ବିଭିନ୍ନ ପ୍ରକାର ଔପଚାରିକତା ପୂରଣ କରିବା ପାଇଁ ଅତିରିକ୍ତ ସମୟ ଦେବା ନିମନ୍ତେ ଆବେଦନ ପାଇବା ପରେ ଏକ ପରାମର୍ଶବଳୀ ଜାରି କରାଯାଇଛି। ମନ୍ତ୍ରଣାଳୟର ଘୋଷଣା ଅନୁଯାୟୀ ଚଳିତ ମାସର ୨୫ ତାରିଖ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇଛି । ଯାହାଫଳରେ ନାନା ଆବଶ୍ୟକତା ପୂରଣ କରାଯାଇପାରିବ ଏବଂ କୌଣସି ପରିସ୍ଥିତିରେ ଆଉ ସମୟ ବୃଦ୍ଧି କରାଯିବ ନାହିଁ। ଏହି ବର୍ଦ୍ଧିତ ସମୟ ମଧ୍ୟରେ ହଜ୍ ଯାତ୍ରୀମାନଙ୍କୁ ତୀର୍ଥଯାତ୍ରା ପାଇଁ ବୁକିଂ ପ୍ରକ୍ରିୟା ସମାପ୍ତ ସହ ସେମାନଙ୍କ ବୈଧ ପାସପୋର୍ଟ୍ ଭାରତୀୟ ହଜ୍ କମିଟି କିମ୍ବା ହଜ୍ ଗୋଷ୍ଠୀ ଆୟୋଜକଙ୍କ ନିକଟରେ ଦାଖଲ କରିବାକୁ ପଡିବ ।

ସୂଚନା ଅନୁଯାୟୀ ୨୫ ତାରିଖ ସୁଦ୍ଧା ହଜ୍ ଯାତ୍ରୀମାନଙ୍କୁ ନୁସୁକ୍ ପୋର୍ଟାଲ୍‌ରେ ବୋର୍ଡିଂ ନିଶ୍ଚିତ କରିବାକୁ ପଡିବ।

## ମନୋହର ଲାଲ୍-ଇଲେକ୍ଟ୍ରିସିଟି ସମିଟ୍

ଭାରତର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୫୧୦ ଗିଗାୱାଟ୍‌କୁ ବୃଦ୍ଧି ପାଇଛି । କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲ କହିଛନ୍ତି, ୨୦୧୪ରେ

ଦେଶର ବିଦ୍ୟୁତ୍ ଉତ୍ପାଦନ ୨୪୯ ଗିଗାଓ୍ୱାଟ ଥିଲା । ନୂଆଦିଲ୍ଲୀରେ ଭାରତ ବିଦ୍ୟୁତ ସମ୍ମିଳନୀ ୨୦୨୬ର ପ୍ରାରମ୍ଭିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଲାଲ୍ କହିଛନ୍ତି, ଭାରତ ନିର୍ଭରଯୋଗ୍ୟତା, ସୁଗମତା ଏବଂ ସ୍ଥିରତା ଦ୍ୱାରା ନିର୍ଦ୍ଧାରିତ ଶକ୍ତି ସମ୍ବଳର ନୂତନ ଯୁଗରେ ପ୍ରବେଶ କରିଛି। ସେ କହିଛନ୍ତି, ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ ବିଦ୍ୟୁତ ଉତ୍ପାଦନକାରୀ ଏବଂ ଗ୍ରାହକ ମଧ୍ୟ। ସ୍ୱଚ୍ଛ ଶକ୍ତି ବିକାଶ ଉପରେ ଆଲୋକପାତ କରି ସେ କହିଛନ୍ତି, ଦେଶର ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ୨୦୧୪ରେ ୩୨ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୫ରେ ୫୨ ପ୍ରତିଶତ ହୋଇଛି ।

ଭାରତ ବିଦ୍ୟୁତ ସମ୍ମିଳନୀ ୨୦୨୬, ବିଦ୍ୟୁତ ଏବଂ ବିଦ୍ୟୁତ କ୍ଷେତ୍ର ପାଇଁ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ । ନୂଆଦିଲ୍ଲୀର ଯଶୋଭୂମିରେ ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ମାସ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଚାରି ଦିନିଆ କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, ନିବେଶକ ଏବଂ ବିଶେଷଜ୍ଞମାନେ ବିଦ୍ୟୁତ ମୂଲ୍ୟ ଶୃଙ୍ଖଳା ଉପରେ ଆଲୋଚନା କରିବେ। ଶକ୍ତି ମନ୍ତ୍ରୀ କହିଛନ୍ତି, ଏହି ସମ୍ମିଳନୀ ଭାରତର ସ୍ଥାନୀୟ ଶକ୍ତିକୁ ଏକ ସ୍ଥାୟୀ ବିଦ୍ୟୁତ ଭବିଷ୍ୟତ ଗଠନ ପାଇଁ ଏକ ବିଶ୍ୱ ଦୃଷ୍ଟିକୋଣ ପ୍ରଦାନ କରିବ ।

## ଟ୍ରାଭେଲ୍ ଆଡଭାଇଜରି ଇସ୍ରାଏଲ୍

ତେଲ୍ଆଭିଭରେ ଥିବା ଭାରତୀୟ ଦୂତାବାସ, ସେଠାରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଇସ୍ରାଏଲ୍‌କୁ ଯାତ୍ରା ନ କରିବାକୁ ପରାମର୍ଶ ଦେଇଛି । ସମ୍ପୃକ୍ତ ଅଞ୍ଚଳରେ ପରିସ୍ଥିତି ଜଟିଳ ରହିଥିବାରୁ, ଦୂତାବାସ ପକ୍ଷରୁ ସମସ୍ତ ଯାତ୍ରା ଏଡ଼ାଇବାକୁ କୁହାଯାଇଛି । ଦୂତାବାସ ପକ୍ଷରୁ ବର୍ତ୍ତମାନ ଇସ୍ରାଏଲରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ସତର୍କ ରହିବାକୁ ଏବଂ ଇସ୍ରାଏଲୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ସୁରକ୍ଷା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପରାମର୍ଶ ଦିଆଯାଇଛି । ଜରୁରୀକାଳୀନ ପରିସ୍ଥିତିରେ ଭାରତୀୟ ନାଗରିକମାନଙ୍କ ପାଇଁ ଦୂତାବାସର ୨୪ ଘଣ୍ଟିଆ ସହାୟତା ଟେଲିଫୋନ୍ ନମ୍ବର ଜାରି କରାଯାଇଛି । ସେହି ନମ୍ବରଗୁଡ଼ିକ ହେଉଛି **+972-54-7520711** ଏବଂ **+972-54-3278392** ।

## ଏନ୍‌ଟିଏ ଜେଇଇ ମେନ୍-ବେଙ୍ଗଲ

ସରସ୍ୱତୀ ପୂଜାକୁ ଦୃଷ୍ଟିରେ ରଖି ଜାତୀୟ ପରୀକ୍ଷଣ ସଂସ୍ଥା ଆସନ୍ତା ୨୩ ତାରିଖରେ ପଶ୍ଚିମବଙ୍ଗରେ ହେବାକୁ ଥିବା ଜେଇଇ ମୁଖ୍ୟ ପରୀକ୍ଷା ପ୍ରଥମ ଅଧିବେଶନକୁ ଘୁଞ୍ଚାଇ ଦିଆଯାଇଛି । ପରୀକ୍ଷା ଦେବାକୁ ଥିବା ସମସ୍ତ ପ୍ରାର୍ଥୀଙ୍କୁ ଅନ୍ୟ ଏକ ପରୀକ୍ଷା ତାରିଖ ସମ୍ବନ୍ଧରେ ଜଣାଇ ଦିଆଯିବ ।

ସାମାଜିକ ପୋଷ୍ଟରେ ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି, ପଶ୍ଚିମବଙ୍ଗର ପ୍ରାର୍ଥୀମାନଙ୍କଠାରୁ ସରସ୍ୱତୀ ପୂଜା ପାଳନ ନେଇ ଅନେକ ଆବେଦନ ମିଳିବା ପରେ ପରୀକ୍ଷା ତାରିଖ ପରିବର୍ତ୍ତନ ଲାଗି ନିଷ୍ପତ୍ତି ନିଆଯାଇଛି । ଅନ୍ୟ କୌଣସି ସୂଚନା ପାଇଁ ପରୀକ୍ଷାର୍ଥୀମାନେ **jeemain@nta.ac.in**ରେ ଇ-ମେଲ୍ କରିପାରିବେ କିମ୍ବା **011-40759000** ଟେଲିଫୋନ୍ ନମ୍ବରରେ ସୂଚନା ପାଇପାରିବେ ।

## ଇଣ୍ଡିଆନ୍ କୋଷ୍ଟ ଗାର୍ଡ଼-ପାକ୍ ବୋଟ୍

ଭାରତୀୟ ତଟରକ୍ଷୀ ବାହିନୀ ଆରବ ସାଗରରେ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମା ରେଖା ନିକଟରେ ଭାରତୀୟ ଜଳସୀମା ଭିତରେ ୯ ଜଣ କର୍ମଚାରୀଙ୍କ ସହିତ ଏକ ପାକିସ୍ତାନୀ ମାଛ ଧରା ଡଙ୍ଗାକୁ ଠାବ କରିଛି। ଭାରତୀୟ ତଟରକ୍ଷୀ ବାହିନୀର ସୂଚନା ଅନୁଯାୟୀ, ବୁଧବାର ଦିନ ଅଲ୍-ମଦିନା ନାମକ ପାକିସ୍ତାନୀ ଡଙ୍ଗାଟିକୁ ଦେଖାଯାଇଥିଲା । ଏହାକୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ଡଙ୍ଗାଟି ପାକିସ୍ତାନ ପାର୍ଶ୍ୱକୁ ପଳାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଭାରତୀୟ ତଟରକ୍ଷୀ ବାହିନୀ ଭାରତୀୟ ଜଳସୀମାରେ ଡଙ୍ଗାକୁ ଅଟକାଇ ଥିଲା ଏବଂ ସେହି ପାକିସ୍ତାନୀ ଡଙ୍ଗାରେ ଥିବା ମୋଟ ୯ ଜଣ କର୍ମଚାରୀଙ୍କୁ ନିଜ ହେପାଜତକୁ ନେଇଥିଲା । ସମ୍ପୃକ୍ତ ଏଜେନ୍ସିଗୁଡ଼ିକ ଦ୍ୱାରା ସମ୍ପୂର୍ଣ୍ଣ ତଦନ୍ତ ଏବଂ ମିଳିତ ପଚରାଉଚରା ପାଇଁ ଡଙ୍ଗାଟିକୁ

ପୋରବନ୍ଦରକୁ ଅଣା ଯାଇଥିଲା। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତୀୟ ତଟରକ୍ଷୀ ବାହିନୀ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ସଠିକ୍ ରାତ୍ରିକାଳୀନ ଅଭିଯାନ ଫଳରେ ଦେଶର ସାମୁଦ୍ରିକ ସୀମାକୁ ସୁରକ୍ଷିତ ରଖିବା ପାଇଁ ପ୍ରତିବଦ୍ଧତା ପ୍ରମାଣିତ ହୋଇଛି ।

## ସ୍ପୋର୍ଟସ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ, ଗତକାଲି ରାତିରେ ନଭି ମୁମ୍ବାଇର ଡକ୍ଟର ଡିୱାଇ ପାଟିଲ କ୍ରୀଡ଼ା ଏକାଡେମୀରେ ୟୁପି ୱାରିୟର୍ସ ୭ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୬୧ ରନ କରିଥିଲା । ଜବାବରେ, ୟୁପି ୱାରିୟର୍ସ ୧୧ଟି ବଲ୍ ଓ ୭ ୱିକେଟ ଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଆଜି ସେହି ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଗୁଜରାଟ ଜାଏଣ୍ଟସ୍ ଓ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ନୂଆଦିଲ୍ଲୀରେ ଆଜି ଇଣ୍ଡିଆନ୍ ଓପନ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଚାଇନିଜ୍ ତାଇପେର ଲିନ୍ ଚୁନ୍-ୟି ଓ ଭାରତର ଲକ୍ଷ୍ୟ ସେନ୍‌ଙ୍କ ମଧ୍ୟରେ ପ୍ରତିଯୋଗିତା ହେବ । ପୂର୍ବରୁ ଲକ୍ଷ୍ୟ ସେନ୍ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଜାପାନର କେଣ୍ଟା ନିଶିମୋଟୋଙ୍କୁ ସିଧାସଳଖ ୨୧-୧୯, ୨୧-୧୦ରେ ପରାସ୍ତ କରିଥିଲେ ।

ଆଇସିସି ପୁରୁଷ ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ୨୦୨୬ରେ, ଗତକାଲି ଜିମ୍ବାୱେର ବୁଲାଓ୍ୱାୟୋର କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଭାରତ ଉଦଘାଟନୀ ମ୍ୟାଚ୍‌ରେ ଆମେରିକାକୁ ୬ ୱିକେଟ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆମେରିକା ୩୫ ଓଭର୍ ୨ଟି ବଲ୍‌ରେ ମାତ୍ର ୧୦୭ ରନ୍ କରିଥିଲା। ବର୍ଷା ଯୋଗୁଁ ଭାରତ ୯୬ ରନ୍‌ର ସଂଶୋଧିତ ଲକ୍ଷ୍ୟକୁ ପିଛା କରି ବିଜୟ ହାସଲ କରିଥିଲା ।

ଭାରତ ଆସନ୍ତାକାଲି ଗ୍ରୁପ୍-ଇ ରେ ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶ ବିପକ୍ଷରେ ଖେଳିବ ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଂଜନ ମିଶ୍ର ।